
# ପିଲାଙ୍କ ଧରିତ୍ରୀ

ଶନିବାର, ୯ ଏପ୍ରିଲ, ୨୦୨୨


୬ କବିତା







୩



୮ ଆଇନା







୬ ଆସ ଜାଣିବା

# ପଥର ଉପରେ ରାମକଥା

## ଗପ



ରାମଙ୍କ ସହିତ ରାବଣର ଯୁଦ୍ଧ ସମାପ୍ତ ହେବାପରେ ଭଗବାନ ଶ୍ରୀରାମଙ୍କ ଅନୁମତିରେ ହନୁମାନ ଚିତ୍ରକୁଟ ପର୍ବତରେ ରହିବାକୁ ଚାଲିଗଲେ। ଦିନେ ବସିଥିବା ଅବସ୍ଥାରେ ଭାବିଲେ- ଭଗବାନ ଶ୍ରୀରାମଙ୍କ ଚରିତ୍ର ଅତି ମହାନ୍। ତାଙ୍କ ଚରିତ୍ର ଚିତ୍ରଣ କରିପାରିଲେ ସମାଜରେ ଲୋକଙ୍କୁ ଉତ୍ତମ କାମ କରିବାକୁ ପ୍ରେରଣା ମିଳିବ। ସେଭଳି ଚରିତ୍ର ସମ୍ପର୍କରେ ଲେଖି ରଖିଲେ ଭବିଷ୍ୟତ ପିଢି ଯୁଗ ଯୁଗ ଯାଏ ରାମକଥାକୁ ମନେ ରଖିବେ।

ସେ ସମୟରେ ହନୁମାନଙ୍କ ନିକଟରେ ଲେଖିବା ଲାଗି କୌଣସି ସାଧନ ନଥାଏ। କେମିତି ଲେଖିବେ କିଛି ସ୍ଥିର କରିପାରୁ ନଥାନ୍ତି। ଶେଷରେ ଦିନେ ସେ ସ୍ଥିର କଲେ ପଥର ଉପରେ ରାମକଥା ଲେଖିବେ। ସେଥିପାଇଁ ସମାନ୍ତରାଳ ଶିଳା ଆବଶ୍ୟକ। ଅନେକ ଖୋଜିବା ପରେ ବିନ୍ଧ୍ୟାଞ୍ଚଳ ପର୍ବତରେ ପହଞ୍ଚିଲେ। ସେଠାରେ ଶୁଭ୍ର ସମତଳ ଶିଳା ଖଣ୍ଡ ଦେଖି ରାମକଥା ଲେଖିବାକୁ ପ୍ରସ୍ତୁତ ହେଲେ। ପ୍ରଥମେ ଆରାଧ୍ୟ ପ୍ରଭୁ ଶ୍ରୀରାମଙ୍କୁ ପ୍ରଣାମ କରି ନିଜ ନଖ ସାହାଯ୍ୟରେ ରାମକଥା ଲେଖିବା ଆରମ୍ଭ କଲେ। ଦିନ ଦିନ ଧରି ଲେଖି ଚାଲିଲେ। ଯେ ପର୍ଯ୍ୟନ୍ତ ଲେଖିବା ସଂପୂର୍ଣ୍ଣ ନ ହୋଇଛି ସେ ପର୍ଯ୍ୟନ୍ତ ଖାଇବା ପିଇବା ମଧ୍ୟ ଭୁଲିଗଲେ। ଦୀର୍ଘଦିନ ପରେ ବିନ୍ଧ୍ୟାଞ୍ଚଳର ଶୁଭ୍ର ଶିଳା ଉପରେ ସଂପୂର୍ଣ୍ଣ ରାମକଥା ଲେଖା ସରିଲା।

ହନୁମାନଙ୍କ ଦ୍ୱାରା ଲେଖା ହୋଇଥିବା ରାମକଥା ଯିଏ ପାଠ କଲା ପ୍ରଶଂସା ନ କରି ରହିପାରିଲା ନାହିଁ। ଦୂର ଦୂରାନ୍ତରୁ ରାମକଥା ପାଠ କରିବା ପାଇଁ ମୁନି,ଋଷି ଓ ଦେବଗଣ ବିନ୍ଧ୍ୟାଞ୍ଚଳ ପର୍ବତକୁ ଆସିଲେ। ସେମାନଙ୍କ ମଧ୍ୟରେ ମହର୍ଷି ବାଲ୍ମୀକି ମଧ୍ୟ ଆସିଥାନ୍ତି। ସମ୍ପୂର୍ଣ୍ଣ ରାମକଥା ପାଠ କରିବା ପରେ ହଠାତ ତାଙ୍କ ମୁଖ ମଣ୍ଡଳ ମଳିନ ପଡିଗଲା। ଅନ୍ୟମାନେ ତାଙ୍କର ଏପରି ଅବସ୍ଥା ଦେଖି ପଚାରିଲେ, 'ମହର୍ଷି! ପଥର ଉପରେ ହନୁମାନଙ୍କ ଦ୍ୱାରା ଲେଖା ହୋଇଥିବା ରାମ କଥା କଣ ପସନ୍ଦ ହେଲାନାହିଁ?'

ମହର୍ଷି ବାଲ୍ମୀକି ଛଳ ଛଳ ଆଖିରେ କହିଲେ,'ପସନ୍ଦ ହେବନାହିଁ କାହିଁକି? ହନୁମାନଙ୍କ ଦ୍ୱାରା ଲିଖିତ ରାମକଥା ନିକଟରେ ମୋ ରଚିତ ରାମକଥା ପଢିବ କିଏ?' ଏକଥା ହନୁମାନଙ୍କୁ ଜଣା ପଡ଼ିଲା। ତା'ପରଦିନ ସେ ବିନ୍ଧ୍ୟାଞ୍ଚଳ ପର୍ବତରେ ପହଞ୍ଚି ରାମକଥା ଲେଖିଥବା ଶୁଭ୍ର ଶିଳାକୁ ଉଠେଇ ସମୁଦ୍ର ଗର୍ଭରେ ଫିଙ୍ଗିଦେଲେ। ଦେବତା ମୁନି, ଋଷି ତାଙ୍କ ପାଖରେ ଉପସ୍ଥିତ ହୋଇ ପଚାରିଲେ, 'ଆପଣ ଦିନ ରାତି ଏତେ ପରିଶ୍ରମ କରି ରାମକଥା ଲେଖିଲେ ପୁଣି ତାକୁ ସମୁଦ୍ର ଗର୍ଭକୁ କଣପାଇଁ ଫିଙ୍ଗିଦେଲେ?'

ହନୁମାନ ହସି ହସି କହିଲେ, ମୁଁ ନିଜକୁ ନୁହେଁ ରାମକଥାକୁ ଅମର କରିବାକୁ ଚାହୁଁଥିଲି। ମହର୍ଷି ବାଲ୍ମୀକି ସେ କାମ ପୂର୍ବରୁ କରି ସାରିଛନ୍ତି। ମୋତେ ଯଶ ଦରକାର ନାହିଁ, ଭଗବାନ ଶ୍ରୀରାମଙ୍କ ଗୁଣଗାନ ଆବଶ୍ୟକ। 'ଏହା କହିବା ସହିତ ତାଙ୍କ ଆଖିରୁ ଭାବର ଲୁହ ଝର ଝର ବହି ପଡୁଥାଏ।'

ମହର୍ଷି ବାଲ୍ମୀକି ତାଙ୍କ ପାଖରେ ପହଞ୍ଚି ପ୍ରଣାମ କରି କହିଲେ,'ଆଜି ମୁଁ ଜାଣିଲି ଭଗବାନଙ୍କ ଠାରୁ ତାଙ୍କ ଭକ୍ତ କେତେ ଅଧିକ ମହାନ।'

**–ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି-୭୪, ସଲ୍ଟ ଲେକ୍, କୋଲକାତା-୬୪,
ମୋ: ୯୬୮୧୩୭୩୫୧୨


## ଖିଲି ଖିଲି ହସ

**(ଭାଇ-ଭଉଣୀ ମଧ୍ୟରେ କଥାବାର୍ତ୍ତା)**
**ଭାଇ:** ଆରେ ତୋ'ର ଆଜି ଗଣିତ ରେଜଲ୍ଟ ବାହାରିଛି?
**ଭଉଣୀ:** ହଁ ଭାଇ।
**ଭାଇ:** କେତେ ରଖିଛୁ?
**ଭଉଣୀ(ମନ ଦୁଃଖରେ):** ୫। ହେଲେ, ତୁ ଘରେ କାହାକୁ କହିବୁନି।
**ଭାଇ:** ହଉ। କିନ୍ତୁ, ତୁ ଶୁଣୁ...ଗୋଟେ କାମ କରେ। ସେ ୫ରେ ଆଉ ଗୋଟେ ୫ ଲେଖିଦେ, ଘରେ କେହି ଜାଣି ପାରିବେନି, ତୋର ୫୫ ହେଇଯିବ।
**ଭଉଣୀ(ବହୁ ଭାବିଲା ପରେ...):** ହଁ ଠିକ୍ କହିଛୁ ଯେ, ହେଲେ ସେଇ ୫ଟା ପୂର୍ବ ୫ର କୋଉ ପଟେ ଲେଖିବି? ବାମ ପଟେ ନା ଡାହାଣ ପଟେ?

**(ଥରେ କ୍ଲାସରେ ମ୍ୟାମ୍ ରାଜୁକୁ ପଚାରିଲେ...)**
**ମ୍ୟାମ୍:** ରାଜୁ, କହିଲ! ସ୍କୁଲ କହିଲେ ତୁମେ କ'ଣ ବୁଝ?
**ରାଜୁ(ବହୁ ଭାବିବା ପରେ...):** ମ୍ୟାମ୍! ସ୍କୁଲ ହେଉଛି ଏପରି ଏକ ଜାଗା, ଯେଉଁଠି ମୋ ବାପାଙ୍କୁ ଲୁଟା ଯାଏ ଆଉ ମୋତେ ସବୁବେଳେ କୁଟା ଯାଏ।

**(ଶ୍ରେଣୀରେ ସବୁ ପିଲାମାନଙ୍କୁ ସାର୍‌ଙ୍କ ପ୍ରଶ୍ନ...)**
**ଶିକ୍ଷକ:** ସୁରେଶ କହିଲ, ୧୮୬୯ ମସିହାରେ କ'ଣ ହୋଇଥିଲା?
**ସୁରେଶ:** ଗାନ୍ଧିଜୀ ଜନ୍ମ ହୋଇଥିଲେ।
**ଶିକ୍ଷକ:** ପୂରା ଠିକ୍ କହିଛୁ। ଏବେ ପପୁ କହିଲ? ୧୮୭୨ ମସିହାରେ କ'ଣ ହୋଇଥିଲା?
**ପପୁ**-ସାର୍! ଗାନ୍ଧିଜୀଙ୍କୁ ସେତେବେଳେ ମାତ୍ର ୩ ବର୍ଷ ହୋଇଥିଲା।

## କେଉଁଟି ଅଲଗା




## ମତାମତ

'ଅହଂକାର ଦୂରକର' ଗଳ୍ପଟି ସତରେ ଚମତ୍କାର ହୋଇଥିଲା।
**- ସୌମ୍ୟରଞ୍ଜନ ପଣ୍ଡା, କ୍ରିଦାଶପୁର, ନୟାଗଡ଼**

'ତୁମ ତୂଳୀରୁ' ସ୍ତମ୍ଭଟି ସବୁବେଳେ ଭିନ୍ନ ଏବଂ ଚିତ୍ରଗୁଡ଼ିକ ବି ଆକର୍ଷଣୀୟ ଲାଗୁଛି।
**-ନିରଞ୍ଜନ ଆଚାର୍ଯ୍ୟ, ତେଲେଇବଣି, ଦେବଗଡ଼**

'ଅନ୍‌ଲାଇନ୍ ଗେମ୍ କ୍ରେଜ୍' ପାଠଟି ପଢ଼ି କିଛି ନୂଆ କଥା ଜାଣିବାକୁ ପାଇଲି। ମୁଁ ନିଜକୁ ଏବେ ଏହାଠାରୁ ଦୂରେଇ ରଖିବି।
**-ଶାନ୍ତନୁ ପାତ୍ର, କୋଟିଆ, କୋରାପୁଟ**

'ଏଥରର ପ୍ରଶ୍ନ' ସ୍ତମ୍ଭରେ ବାହାରୁଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ମଜା ଲାଗୁଛି।
**-ପ୍ରିୟଙ୍କା ତ୍ରିପାଠୀ, ବାଙ୍କୀ, କଟକ**

'ଖିଲି ଖିଲି ହସ' ଏବଂ 'ଚଗଲା ଭୀମୁ' ହେଉଛି ମୋର ପ୍ରିୟ ସ୍ତମ୍ଭ। ଏହାକୁ ମୁଁ ସବୁବେଳେ ପଢ଼େ ଆଉ ବହୁତ ହସେ।
**-ବ୍ରଜରାଜ ଚୌଧୁରୀ, ଆଳି, କେନ୍ଦ୍ରାପଡ଼ା**

'ପିଲାଙ୍କ ଧରିତ୍ରୀ'ର ପ୍ରତ୍ୟେକଟି ପୃଷ୍ଠାର ଡିଜାଇନ୍ ମୋତେ ଆକର୍ଷଣୀୟ ଲାଗୁଛି।
**-ପ୍ରିୟା ସାସମଲ୍, ସତ୍ୟବାଦୀ, ପୁରୀ**

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ





ସେମାନେ ଦିବ୍ୟାଙ୍ଗ ସତ ହେଲେ ଉଭୟ ଶାରୀରିକ ଓ ମାନସିକ ଭାବେ ସାଧାରଣ ପିଲାଙ୍କଠାରୁ କୌଣସି ବି ଗୁଣରେ କମ୍ ନୁହଁନ୍ତି। ଖେଳକୁଦ, ନାଚଗୀତଠାରୁ ଆରମ୍ଭ କରି ମାଟିରେ ମୂର୍ତ୍ତି ଗଢ଼ିବା ପର୍ଯ୍ୟନ୍ତ ସବୁଥିରେ ସେମାନେ ପାରଙ୍ଗମ। ତେବେ ନିଜର ଅନ୍ତର୍ନିହିତ ଗୁଣ ମାଧ୍ୟମରେ ସମାଜରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଏଭଳି କେତେଜଣ ପ୍ରତିଭାଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା...

# ଆମେ ବି କମ୍ ନୁହଁ

ଦିବ୍ୟାଙ୍ଗମାନେ ଏବେ ଆଉ ସମାଜରେ ଅଲୋଡ଼ା କି ଅଣଦେଖା ହୋଇ ରହି ନାହାଁନ୍ତି। ବରଂ ସମାଜ ବିକାଶରେ ସେମାନେ ବି ପାଲଟିଛନ୍ତି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଶାରୀରିକ ଭାବେ ଅକ୍ଷମ ହେଲେ ବି ବିଭିନ୍ନ କ୍ଷେତ୍ରରେ ସେମାନେ ସକ୍ଷମ। ଜୀବନରେ ଆସୁଥିବା ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନିଜର ଇଚ୍ଛାଶକ୍ତି, ଦୃଢ଼ ମନୋବଳ ଓ ଦକ୍ଷତା ବଳରେ ସେମାନେ ବି ପହଞ୍ଚିପାରୁଛନ୍ତି ସଫଳତାର ଶୀର୍ଷରେ...

## ସୃଷ୍ଟିଙ୍କ ମୁହଁରେ ଶହେ ବର୍ଷର କ୍ୟାଲେଣ୍ଡର

ଗୋଟିଏ ଶତାବ୍ଦୀ ଅର୍ଥାତ୍ ଶହେ ବର୍ଷର କ୍ୟାଲେଣ୍ଡର ରହିଛି ତାଙ୍କ ମୁହଁ ଆଗରେ। ୨୦୦୦ରୁ ୨୧୦୦ ମସିହା ପର୍ଯ୍ୟନ୍ତ କେଉଁ ତାରିଖ କେଉଁ ବାରରେ ପଡୁଛି ସେ ଫଟାଫଟ୍ କହିଦିଅନ୍ତି। ପିଲାଟି ଦିନରୁ ଅଟିଜିମ୍ ରୋଗରେ ପିଡ଼ୀତ ଥିବା ସୃଷ୍ଟିଙ୍କର ଏହି ଅନ୍ତର୍ନିହିତ ଗୁଣକୁ ପ୍ରଥମେ ତାଙ୍କ ବାପା ଓ ପରେ ମା' ଜାଣିବାକୁ ପାଇଥିଲେ। ପିଲାବେଳୁ ତାଙ୍କ ପାଟି ଫିଟୁ ନ ଥିଲା। କୌଣସି ଜିନିଷ ସେ ଜାଣିପାରୁ ନ ଥିଲେ। ଏମିତିକି ସେ ନିଜ ମା' ବାପାଙ୍କୁ ମଧ୍ୟ ଚିହ୍ନୁ ନ ଥିଲେ। ସେଥିପାଇଁ ପରିବାର ଲୋକେ ବହୁତ ଚିନ୍ତାରେ ଥିଲେ। ସୃଷ୍ଟିଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ କିସ୍ କଲେଜର ଫାଇନାନ୍ସ ବିଭାଗର ମୁଖ୍ୟ ଦାୟିତ୍ୱରେ ଥିବା ମା' ସାଗରିକା ମିଶ୍ରଙ୍କୁ ଏଥିପାଇଁ ଚାକିରି ଛାଡ଼ିବାକୁ ପଡ଼ିଥିଲା। ସବୁ ମୁହୂର୍ତ୍ତର ଫଟୋକୁ ସେ ଫୋନ୍‌ରେ କ୍ୟାପଚର୍ କରି ସୃଷ୍ଟିଙ୍କୁ ଶିଖାଉଥିଲେ। ହେଲେ ସୃଷ୍ଟି ପେଣ୍ଟିଙ୍ଗ୍ କରିବା, ଗୀତ ଗାଇବା, ପିଆନୋ ବଜାଇବାରେ ରୁଚି ରଖନ୍ତି। ମ୍ୟୁଜିକ୍‌ରେ ଏବେ ସେ ଚଣ୍ଡିଗଡ଼ ୟୁନିଭରସିଟିରେ ତୃତୀୟ ବର୍ଷ ଶେଷ କରିସାରିଛନ୍ତି। ଏହା ସହ ପ୍ରତିଦିନ ସକାଳୁ ଯୋଗ କରନ୍ତି। ରୋଷେଇରେ ମଧ୍ୟ ତାଙ୍କର ଆଗ୍ରହ ରହିଛି। ଭବିଷ୍ୟତରେ ସୃଷ୍ଟି ନିଜେ ସ୍ୱାଧୀନ ଭାବେ ନିଜର ପରିଚୟ ସୃଷ୍ଟି କରୁ ବୋଲି ମା' ଲକ୍ଷ୍ୟ ରଖିଛନ୍ତି। ସେ ଏବେ ସରକାରୀ ନୋଡ଼ାଲ ହାଇସ୍କୁଲ, ଚନ୍ଦ୍ରଶେଖରପୁର, ଫେଜ୍-୨, ଭୁବନେଶ୍ୱରର ଦଶମ ଶ୍ରେଣୀର ଛାତ୍ରୀ।



## ମାଟି ମୂର୍ତ୍ତି ଗଢ଼ିବାରେ ସକ୍ଷମ ଶ୍ରୀଦେବ

ଯେ କୌଣସି କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଦରକାର ଦୃଢ଼ ମନୋବଳ। ଆଉ ଏଭଳି ନିଜ ପ୍ରତିଭାକୁ ବିକଶିତ କରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି ମାତା ସୋନାଲୀ ଓ ପିତା ରଶ୍ମିକାନ୍ତ ପ୍ରଧାନଙ୍କ ପୁଅ ଶ୍ରୀଦେବ। ପିଲାଦିନୁ ବାମ ଗୋଡ଼ ଏବଂ ବାମ ହାତ ଠିକ୍ ଭାବେ କାମ କରୁ ନ ଥିଲେ ବି ସେଥିରେ ସେ ଅନେକ କାର୍ଯ୍ୟ କରି ସଫଳତା ପାଇଛନ୍ତି। ମୋବାଇଲ୍‌ରେ ବିଭିନ୍ନ ଆପ୍ ଡାଉନ୍‌ଲୋଡ୍ କରି ସେଥିରେ ସେ ନୂଆ ନୂଆ ଆନିମେଶନ୍‌ମାନ ତିଆରି କରନ୍ତି। ଏହା ସହ ମାଟିରେ ମଧ୍ୟ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଯଥା ରାମ, କୃଷ୍ଣ, ଶିବ, ଗଣେଷ ଏବଂ ଅନ୍ୟାନ୍ୟ ମୂର୍ତ୍ତି ସବୁ ଗଢ଼ି ବିଭିନ୍ନ ସ୍ଥାନରୁ ପୁରସ୍କୃତ ହୋଇଛନ୍ତି। ଭଲ ପାଠ ପଢ଼ିବା ସହ ଡ୍ରଇଁ କରିବାରେ ମଧ୍ୟ ତାଙ୍କର ରୁଚି ରହିଛି। ସେ ଏବେ ସରକାରୀ ୟୁପି ସ୍କୁଲ, ସେକ୍ଟର-୬, ଭୁବନେଶ୍ୱରର ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ଡ. ଏ.ପି. ଜେ ଅବଦୁଲ୍ କଲାମ୍‌ଙ୍କୁ ଆଦର୍ଶ ଭାବେ ମାନୁଥିବା ଶ୍ରୀଦେବ ଭବିଷ୍ୟତରେ ଜଣେ ସାଇଣ୍ଟିଷ୍ଟ ହେବାକୁ ଲକ୍ଷ୍ୟ ରଖିଛନ୍ତି।





## ଗୀତରେ ଗୀତରେ ମନ ଜିଣନ୍ତି ଆଶା...

ଦୁନିଆ କେମିତି, ଏହା ଦେଖିବାର ଆଶା ଟିକକ ସେ ଜନ୍ମରୁ ହରାଇ ବସିଛନ୍ତି ସତ, ହେଲେ ନିଜ ଯାଦୁଗରୀ କଣ୍ଠ ସ୍ୱରରେ ସମସ୍ତଙ୍କ ମନରେ ଖୁସି ଭରିଛନ୍ତି। ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟ, ଭୁବନେଶ୍ୱରର ୧୦ମ ଶ୍ରେଣୀର ଛାତ୍ରୀ ଆଶା ବାହାଦୂର ଗୁରୁମ୍ ନିଜ ମଧୁର ସ୍ୱର ମାଧ୍ୟମରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ୬ ବର୍ଷ ବୟସରେ ପ୍ରେପ୍ ସ୍କୁଲ୍‌ରେ ପଢୁଥିବାବେଳେ ସେ ପ୍ରଥମେ ବ୍ରେଲି ଅକ୍ଷର ଶିଖିଥିଲେ। ପରେ ଯାଇ ଭୁବନେଶ୍ୱରରେ ଥିବା ଭୀମ ଭୋଇ ଦୃଷ୍ଟିହୀନ ବିଦ୍ୟାଳୟରେ ନାଁ ଲେଖାଇଥିଲେ। ପିଲାଟି ଦିନରୁ ଗୀତକୁ ଭଲ ପାଉଥିବା ଆଶା ଏହା ମାଧ୍ୟମରେ ହିଁ ସମସ୍ତଙ୍କ ପାଖେ ପହଞ୍ଚି ପାରିଛନ୍ତି। ସ୍କୁଲ କିମ୍ବା ବିଭିନ୍ନ ଅନୁଷ୍ଠାନରେ ହେଉଥିବା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଅତିଥିଙ୍କ ଦ୍ୱାରା ପ୍ରଶଂସିତ ହୋଇ ଅନେକ ପୁରସ୍କାର ପାଇଛନ୍ତି। ୨୦୧୯ ମସିହାରେ ରାଜ୍ୟ ସରକାରଙ୍କ ତରଫରୁ ହୋଇଥିବା "ସୁରଭି" ପ୍ରତିଯୋଗିତାରେ ଭାଗ ନେଇ ସେ ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଖୋର୍ଦ୍ଧା ଜିଲ୍ଲାପାଳ ମଧ୍ୟ ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ପୁରସ୍କୃତ କରିଛନ୍ତି। ସଂଗୀତ ବ୍ୟତୀତ ଆଶାଙ୍କୁ ନୃତ୍ୟ ମଧ୍ୟ ବହୁତ ଭଲ ଲାଗେ। ଆଶାଙ୍କୁ ନେଇ ଭବିଷ୍ୟତରେ ଅନେକ ଆଶା ରହିଛି ବୋଲି ମାତା ଚୁମ୍‌କି ବାହାଦୂର୍ ଗୁରୁମ୍ ଏବଂ ବାପା କୁମଲ୍ ବାହାଦୂର୍ କହିଛନ୍ତି। ଭବିଷ୍ୟତରେ ଜଣେ କଣ୍ଠଶିଳ୍ପୀ ହେବା ସହ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରେ ଯୋଗ ଦେବା ପାଇଁ ଲକ୍ଷ୍ୟ ସେ ରଖିଛନ୍ତି।




– ମୋନାଲୀ ସାହୁ




୧



୨





୩



୪



୫



୬



୭



୮




୯



୧୦

୧



**ତନ୍ମୟ କୁମାର ଦାସ**
କ୍ଲାସ-୬, ଏମଏଲଏ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁଲାଖପାଟଣା ଯାଜପୁର

୨



**ଆଦିତି ରାଉତ**
କ୍ଲାସ-୬, ଡିଏମ୍ ପବ୍ଲିକ୍ ସ୍କୁଲ, ବାସୁଆଘାଇ, ଭୁବନେଶ୍ୱର

୩



**ଆଦ୍ୟା ମହାପାତ୍ର**
କ୍ଲାସ୍-୪, ପ୍ରଭୁଜୀ ଇଂଲିଶ୍ ମିଡିୟମ ସ୍କୁଲ, ଭୁବନଶ୍ୱେର

୪



**ଆନ୍‌ସୀ ପଟ୍ଟନାୟକ**
କ୍ଲାସ- ୪, ଷ୍ଟିୱାର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

୫



**ଆର୍ୟନ୍ ପଟ୍ଟନାୟକ**
କ୍ଲାସ-୨, ସେଣ୍ଟ ଜାଭିୟର୍ସ ସ୍କୁଲ, କେଦାରଗୌରୀ, ଓଲ୍ଡ ଟାଉନ୍, ଭୁବନେଶ୍ୱର

୬



**ଆଶାଲଗ୍ନା ମହାନ୍ତି**
କ୍ଲାସ-୭, ସାଇ ଅନନ୍ତ ଇଣ୍ଟରନ୍ୟାଶନାଲ୍ ସ୍କୁଲ, ଧାମରା, ଭଦ୍ରକ

୭



**ଅଭିସୁମତ୍ ସାମଲ**
କ୍ଲାସ- ୧, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ୍, ଭୁବନେଶ୍ୱର

୮



**ପିୟୁଷ କୁମାର ହୋତା**
କ୍ଲାସ- ୭, ସରସ୍ୱତୀ ଶିଶୁ ମନ୍ଦିର, ସାକ୍ଷୀଗୋପାଳ, ପୁରୀ

୯



**ଆରବ କୁମାର ସାହୁ**
କ୍ଲାସ- ୧, ଓଡିଏମ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର

୧୦



**ଆୟୁଷ୍ମାନ ମହାନ୍ତି**
କ୍ଲାସ- ୪, ଷ୍ଟିୱାର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର




## ପଣା ସଂକ୍ରାନ୍ତି

ମହାବିଷୁବ ଏ ସଂକ୍ରାନ୍ତି ତିଥି,
ଅନ୍ୟ ନାମ ତା'ର ପଣା ସଂକ୍ରାନ୍ତି।
ଓଡ଼ିଆମାନଙ୍କ ନୂଆ ବରଷ
ପୁଣ୍ୟ ତିଥି ଭରି ଦିଏ ହରଷ।
ପଣାଠାରୁ ନୂଆ ବରଷ ଗଣା,
ନୂଆ ପଞ୍ଜିକାରୁ ପଡ଼ଇ ଜଣା।
ହସ, ଖୁସି ଭରା ପଣା ସଂକ୍ରାନ୍ତି,
ବୃନ୍ଦାବତୀ ଦେବୀ ପୂଜା ପାଆନ୍ତି।
ଠେକି ବସା ହୁଏ ଚଉଁରା ମୂଳେ,
ତା' ମଧ୍ୟରୁ ଜଳ ପଡ଼େ ତା' ଚୁଳେ।
ପୂଜାର୍ଚ୍ଚନା ହୁଏ ଦେବୀ ପୀଠରେ,
ବେଲପଣା ଭୋଗ ଲାଗେ ଏଠାରେ।
ପାଚିଲା ପାଚିଲା ବେଲ ସୁଆଦ,
ଭାଙ୍ଗ ବଟା ହୋଇଥାଏ ବରାଦ।
ଗୁଡ଼, କ୍ଷୀର, ଗୋଲମରିଚ ପଡ଼ି,
ମହ ମହ ବାସ ଯାଏଟି ବଢ଼ି।
ପଣା ସଂକ୍ରାନ୍ତିରେ ବେଲପଣାକୁ
କେହି କ'ଣ ଭୁଲିପାରେ ଏହାକୁ।

**-ବସନ୍ତ କୁମାର ଦାସ**
ରମ୍ପା, ବରି, ଯାଜପୁର

## ଆସିଛି ଓଡ଼ିଆ ନୂଆ ବରଷ

ବିଷୁବ ସଂକ୍ରାନ୍ତି ଆସିଛି ପୁଣି
ଆସିଛି ଓଡ଼ିଆ ନୂଆବରଷ
ସବୁ ଓଡ଼ିଆଙ୍କ ମନରେ ଆନନ୍ଦ
ସବୁରି ମୁହଁରେ ମିଠା ହରଷ।
ଘରେ ଘରେ ପୂଜା ଆନନ୍ଦ ମଉଜ
ଚାରିଆଡେ ପିଠା ପଣା ମହକ
ଆମ୍ବ ବେଲରସ ଛେନାପଣା ସାଥେ
ଜମିଯାଏ ନୂଆ ବରଷ।
ଏ ନୂଆ ବରଷ ହେଉ ଶୁଭମୟ
ଦେଇ ନୂଆ ଶୁଭ ସୁଖ ପରଶ
ସବୁରି ଜୀବନ ହେଉ ଶୁଭମୟ
ପ୍ରାର୍ଥନା ମୋ ପ୍ରଭୁ ଜଗତନାଥ।

**-ଅର୍ଚ୍ଚନା କର**
ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର

## ବଣ ପଶୁପକ୍ଷୀ ପିଇଲେ ପଣା

ଚଇତ୍ର ମାସରେ ପଣା ସଂକ୍ରାନ୍ତି
ହନୁମାନଙ୍କ ଜୟନ୍ତୀ,
ବଣ ପଶୁମାନେ ପଣା ପିଇବାକୁ
ମନେ ଯୋଜନା କରନ୍ତି।
ମାଙ୍କଡ଼ ଝାଡ଼ିଲା ମିଠା ବେଲ ଆମ୍ବ
ଡାଳରୁ ଡାଳକୁ ଡେଇଁ,
ଅନ୍ୟ ପଶୁମାନେ ଗୋଟାଇଲେ ସବୁ
ଏକାଠି ରଖିଲେ ନେଇ ।
ହାତୀ ବାହାରିଲା ନିକଟ ବଜାର
ପିଠିରେ ବସାଇ ପାତି,
ମାଗିଲା ପାଚିଲା କଦଳୀ ନଡ଼ିଆ
ଛେନା ପୁଣି ଗୁଜୁରାତି ।
ଦୋକାନୀ ବିଚରା ମାଗଣାରେ ସବୁ
ଯାଚିଦେଲା ପଣା ଚିଜ,
ହାତୀ ସଙ୍ଗେ ପାତି ବଣକୁ ଫେରିଲେ
ପଣା ପାଇଁ ସବୁ ସଜ।
ଯତନରେ ଭାଲୁ ବନେଇଲା ପଣା
ସୁମିଷ୍ଟ ସ୍ୱାଦୁ ଶୀତଳ,
ଠେକୁଆଟି ପତ୍ର ଠୋଲା ତିଆରିଲା
ଶୋଷରେ ସବୁ ବିକଳ।
ପ୍ରଥମରେ ହନୁବୁଢ଼ା ଭକତିରେ
ହନୁମାନଙ୍କୁ ସୁମରି,
ପୂଜା କରି ପଣା ଅର୍ଘ୍ୟ ଅରପିଣ
ସଭିଙ୍କୁ ଦେଲା ବିତରି।

**-ବିନୟ କୁମାର ସାମଲ,**
ଅବସରପ୍ରାପ୍ତ ଶିକ୍ଷକ, ବେଡାପଡ଼ା, ଢେଙ୍କାନାଳ



## କହିଲ ଦେଖି

୧) କଦଳୀ ସାଥିରେ ବେଲ ନଡିଆ
ଦହି ମିଶିଗଲେ ଲାଗେ ବଢିଆ
ବର୍ଷର ଆରମ୍ଭେ ଖ୍ୟାତି ମୋହର
ଖୁସିରେ କରନ୍ତି ମୋତେ ଆହାର
ଅଧ୍ୱା ପଣକୁ ମୁଁ କରଇ ଦୂର
କିଏ ସେ କହିବ ନାମ ମୋହର।

ଉ: ପଣା

୨) ବୈଶାଖ ମାସରୁ ଆରମ୍ଭ ହୁଏ
ଚଉଁରା ଉପରେ ଶୋଭା ସେ ପାଏ
ଭିତରେ ତାହାର ଭରନ୍ତି ପଣା
ତଳେ ଥାଏ ତାର ଛୋଟିଆ କଣା
ପଣା ଝରୁଥାଏ କଣାରୁ ତା'ର
ମାସଟିଏ ହୁଏ ତା ବ୍ୟବହାର
ଓଡିଆଙ୍କ ଅଟେ ଏ ପରମ୍ପରା
ଆରମ୍ଭ ହୁଏ ଯେବେ ଆସଇ ଖରା


ଉ: ବସନ୍ତରା ଠେକି

୩) ବୈଶାଖ ମାସରୁ ଆରମ୍ଭ ହୁଏ
ଏଇ ଦିନରୁ ପାଞ୍ଜି ବଦଳିଯାଏ
ପଣା ସଂକ୍ରାନ୍ତି ପଡେ ସେ ଦିନ
ଖୁସିରେ ନାଚେ ଓଡିଆ ମନ
କିଏ ସେ ପାରିବ ନାମ ତା କହି
ଓଡିଆଙ୍କ ଗର୍ବ ଅଟଇ ସେହି।

ଉ: ଓଡିଆ ନବବର୍ଷ








**-ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର, ମୋ: ୮୮୯୨୩୦୧୧୪୩

## ଏଥରର




- ଓଡ଼ିଆମାନଙ୍କର ନବବର୍ଷ କେଉଁଦିନ ପାଳନ କରାଯାଏ ?
- ପଣାସଂକ୍ରାନ୍ତି ଦିନ କେଉଁ ଦେବତାଙ୍କ ଜୟନ୍ତୀ ପାଳନ କରାଯାଏ ?
- ଏହିଦିନ ଦେବୀ ମନ୍ଦିରରେ କେଉଁ ଯାତ୍ରା ପାଳନ କରାଯାଏ ?
- ଝାମୁଯାତ୍ରାରେ କେଉଁ ନୃତ୍ୟ କରାଯାଏ ?
- ଦଣ୍ଡନାଚ କରୁଥିବା ଲୋକମାନଙ୍କୁ କ'ଣ କୁହାଯାଏ ?

ଉ ଉ ର

## ଗତଥରର

- ହରେକୃଷ୍ଣ ମହତାବ
- କଟକ
- ଗୋପୀନାଥ ମହାନ୍ତି
- ବାଲେଶ୍ୱର
- ଉତ୍କଳ ଦୀପିକା




## ଗିନିଜ୍ ୱାର୍ଲ୍ଡ ରେକର୍ଡ

### କୁନି ଡିଜେ ଆର୍ଚି

ପିଲାମାନେ ତୁମମାନଙ୍କୁ ଡିଜେ ଗୀତରେ ଡ୍ୟାନ୍ସ କରିବାକୁ ଭଲଲାଗେନା। ତୁମେମାନେ ଜାଣିଛ ୪ବର୍ଷର ଆର୍ଚି ନାଇଟ୍ କ୍ଲବରେ ଡିଜେ ଭାବରେ କାମ କରନ୍ତି। ଏତେ କମ୍ ବୟସରେ ସେ ବିଶ୍ୱର ସବୁ ମ୍ୟୁଜିକ୍ ଫେଷ୍ଟିଭାଲ୍ କିମ୍ବା କ୍ଲବରେ ଡିଜେ ଭାବରେ ଯୋଗ ଦିଅନ୍ତି। ଡିଜେ ଆର୍ଚି ନାମରେ ଜଣାଶୁଣା ଆର୍ଚି ନୋରବରୀ ୪ବର୍ଷ ବୟସରେ ଗିନିଜ୍ ରେକର୍ଡ ପକ୍ଷରୁ ସର୍ବକନିଷ୍ଠ କ୍ଲବ୍ ଡିଜେ ଭାବରେ ରେକର୍ଡ ହାସଲ କରିଛନ୍ତି। ଏହି ରେକର୍ଡ କରିବା ପାଇଁ ଆର୍ଚିଙ୍କୁ ହଂକଂର ଏକ ବଙ୍ଗଳାରେ ନାଇଟ୍ କ୍ଲବ୍ କରିବାକୁ ପଡ଼ିଥିଲା। ଏକ ଘଣ୍ଟା ପାଇଁ ୨୦ଜଣ ଦର୍ଶକଙ୍କୁ ନେଇ ସେ କ୍ଲାସିକ୍ ମ୍ୟୁଜିକ୍ରେ ମନୋରଞ୍ଜନ କରିଥିଲେ। କୁନି ଡିଜେ ଆର୍ଚି ଦୁବାଇରେ ଜନ୍ମଗ୍ରହଣ କରିଥିଲେ, କିନ୍ତୁ ଏବେ ସେ ପରିବାର ସହ ହଂକଂରେ ରହୁଛନ୍ତି। ସେ ଦୁଇ ବର୍ଷ ବୟସରୁ ଡିଜେ ସଙ୍ଗ୍ ପ୍ରତି ଆକୃଷ୍ଟ ହୋଇଥିଲେ। ତାଙ୍କ ବାପା ଡିଜେ ଜୋନ୍ ନରବରୀ ଆର୍ଚିଙ୍କ ପ୍ରତିଭା ଦେଖି ତାଙ୍କୁ ଏଥିପାଇଁ ଉତ୍ସାହିତ କରିଥିଲେ।



# ଜଣା ଅଜଣା



## ସାହାରା ମରୁଭୂମି

ପୃଥିବୀର ବୃହତ୍ତମ ମରୁଭୂମି ହେଉଛି ସାହାରା ମରୁଭୂମି। ଏହାର ଅଧିକାଂଶ ଅଂଶ ଆଫ୍ରିକା ମହାଦେଶର ଉତ୍ତର ଭାଗରେ ରହିଛି। ଏଠାରେ ସବୁଠାରୁ ଅଧିକ ତାପମାତ୍ରା ୧୩୬° ଫାରେନାଇଟ୍ ରେକର୍ଡ କରାଯାଇଥିଲା। ମରୁଭୂମିର କ୍ଷେତ୍ରଫଳ ୩.୬ ମିଲିୟନ୍ ସ୍କୋୟାର୍ ମାଇଲ୍ ଯାହା ଚାଇନା ଏବଂ ଆମେରିକାର କ୍ଷେତ୍ରଫଳ ସହ ପ୍ରାୟ ସମାନ।



## ୨୦ ଘଣ୍ଟା ଶୋଉଥିବା ପ୍ରାଣୀ

କୋଆଲାମାନେ ଦିନକୁ ପ୍ରାୟ ୧୮-୨୦ ଘଣ୍ଟା ଶୋଇଥାନ୍ତି। ଏମାନେ ଖାଦ୍ୟ ବହୁତ ପରିମାଣରେ ଖାଉଥିବା ବେଳେ ପାଣି କମ୍ ପିଇଥାନ୍ତି। ଇଉକାଲିପଟାସ୍ ଗଛର ପତ୍ର ହେଉଛି ଏମାନଙ୍କର ମୁଖ୍ୟ ଖାଦ୍ୟ। ଏମାନେ ସବୁବେଳେ ଗଛ ଉପରେ ରହିଥାନ୍ତି, ହେଲେ ଯେତେବେଳେ ଗୋଟିଏ ଗଛରୁ ଅନ୍ୟ ଗଛକୁ ଯାଆନ୍ତି ସେତେବେଳେ କେବଳ ଗଛର ତଳକୁ ଓହ୍ଲାଇଥାନ୍ତି।



## ଜେବ୍ରା ରହସ୍ୟ

ତୁମେମାନେ ଜାଣିଛ କି, ଜେବ୍ରାମାନେ ଘଣ୍ଟାକୁ ପ୍ରାୟ ୬୫ କିଲୋମିଟର ପର୍ଯ୍ୟନ୍ତ ଦୌଡ଼ି ପାରନ୍ତି। ଏମାନେ ଜନ୍ମ ହେବାର ମାତ୍ର ୬ ମିନିଟ୍ ପରେ ଛିଡ଼ା ହୁଅନ୍ତି, ୨୦ ମିନିଟ୍ ପରେ ଚାଲନ୍ତି ଏବଂ ୪୦ ମିନିଟ୍ ପରେ ଦୌଡ଼ି ପାରନ୍ତି। ଏମାନେ ସାଧାରଣତଃ ଛିଡ଼ା ହୋଇ ଶୋଇଥାନ୍ତି। ଏମାନଙ୍କର ଗ୍ରୁପ୍‌କୁ 'ଡାଜେଲ୍' କୁହାଯାଏ।




ଆସ ଜାଣିବା

# ସାଇନ୍ସ ମ୍ୟୁଜିୟମ୍

ମ୍ୟୁଜିୟମ୍ ବା ସଂଗ୍ରହାଳୟ ହେଉଛି ଏଭଳି ଏକ ସ୍ଥାନ ଯେଉଁଠି ଅତୀତର ଘଟଣାବଳୀ, କଳା, ସ୍ଥାପତ୍ୟ, ସଂସ୍କୃତି, ପରମ୍ପରା ସହ ବିଭିନ୍ନ ଦ୍ରବ୍ୟ, ବସ୍ତୁ ଓ ସ୍ମୃତିସବୁକୁ ଲୋକମାନଙ୍କ ପାଇଁ ସାଇତା ହୋଇ ରଖାଯାଇଥାଏ। ଦର୍ଶକ ଏହାକୁ ଦେଖି ସେ ସମ୍ପର୍କରେ ଅନେକ କଥା ଜାଣିପାରିଥାଆନ୍ତି। ୧୮୫୭ ମସିହାରେ ଲଣ୍ଡନର ସାଉଥ୍ କେସିଙ୍ଗ୍‌ଟନ୍‌ରେ ସାଇନ୍ସ ମ୍ୟୁଜିୟମ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥିଲା। ଏହି ମ୍ୟୁଜିୟମକୁ ପ୍ରତିବର୍ଷ ପ୍ରାୟ ୩.୩ ମିଲିୟନ୍ ପର୍ଯ୍ୟଟକ ଆସିଥାନ୍ତି। ଏଥିରେ 'ଦ ମେନ୍ ବିଲ୍‌ଡିଙ୍ଗ' ଏବଂ 'ଦ ୱେଲ୍‌କମ୍ ୱିଙ୍ଗ୍' ନାମକ ଦୁଇଟି ବିଲ୍‌ଡିଙ୍ଗ ରହିଛି। ଏଠାରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ମେଡିସିନ୍, ବାଣିଜ୍ୟ ଆଦି ସମ୍ବନ୍ଧିତ ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶିତ କରାଯାଇଛି, ଯାହା ପିଲାମାନଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରିଛି। ଏହି ମ୍ୟୁଜିୟମ୍‌ରେର ଷ୍ଟିଫେନ୍‌ସନ୍‌ଙ୍କ ରକେଟ୍, ପ୍ରଥମ ଜେଟ୍ ଇଞ୍ଜିନ୍, ଫ୍ରାନ୍‌ସିସ୍ କ୍ରିକ୍ ଏବଂ ଜେମସ୍ ୱାଟ୍‌ସନ୍‌ଙ୍କ ଡିଏନ୍‌ଏ ମଡେଲ, ନିଉକମେନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ପୃଥିବୀର ପ୍ରଥମ ଷ୍ଟିମ୍ ଇଞ୍ଜିନ୍ ଆଦି ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ବସ୍ତୁ ରହିଛି । ପିଲାମାନଙ୍କ ପାଇଁ ଏଠାରେ ସ୍ୱତନ୍ତ୍ର ଭାବରେ 'ସାଇନ୍ସ ନାଇଟ୍' ନାମକ ଏକ କାର୍ଯ୍ୟକ୍ରମ କରାଯାଏ। ଏପରି ଶିକ୍ଷଣୀୟ ବିଜ୍ଞାନ ସମ୍ପର୍କିତ କାର୍ଯ୍ୟକ୍ରମରେ ୮-୧୧ ବର୍ଷ ବୟସର ପିଲାମାନେ ଅଂଶଗ୍ରହଣ କରି ସେ ସମ୍ପର୍କରେ ଜ୍ଞାନ ଆହରଣ କରିଥାଆନ୍ତି। ସେମାନେ ସେହିଦିନ ସେଠାରେ ରାତ୍ରଯାପନ କରନ୍ତି ଓ ତା'ପର ଦିନ ଫେରିବା ପୂର୍ବରୁ ଏକ ବିଜ୍ଞାନ ସମ୍ପର୍କିତ ଚଳଚ୍ଚିତ୍ର ମଧ୍ୟ ଦେଖିଥାନ୍ତି। ଏହି ମ୍ୟୁଜିୟମରେ 'ମେକିଙ୍ଗ୍ ଦ ଡବଲ୍ ୱାର୍ଲ୍ଡ' ନାମକ ଏକ ନୂଆ ଗ୍ୟାଲେରି ରହିଛି, ଯେଉଁଠି ପ୍ରସିଦ୍ଧି ଲାଭ କରିଥିବା ଷ୍ଟିଫେନ୍‌ସନ୍‌ଙ୍କ ରକେଟ୍, ୱାଟ୍‌ସନ୍ ଏବଂ କ୍ରିକ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଡବଲ୍ ହେଲିକ୍ସ, ଆପୋଲୋ ସ୍ପେଶ୍‌କ୍ରାପ୍ଟ ରହିଛି। ଏହି ଗ୍ୟାଲେରି ପିଲାମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। 'ଫ୍ଲାଇଟ୍' ହେଉଛି ଅନ୍ୟ ଏକ ଗ୍ୟାଲେରି, ଯେଉଁଠି ବିଭିନ୍ନ ଆକାର ଏବଂ ଆକୃତିର ହେଲିକପ୍ଟର ଓ ଏରୋପ୍ଲେନ୍ ଆଦି ଦେଖିବାକୁ ପାଇବେ। ଏହାବ୍ୟତୀତ ଏଠାରେ ମଧ୍ୟ ଡ୍ୟାନ୍ସ ସେଣ୍ଟର୍, ଏକ୍ସପ୍ଲୋରିଙ୍ଗ୍ ସ୍ପେଶ୍, ମିଡିଆ ସ୍ପେଶ୍, ଲଞ୍ଚପ୍ୟାଡ୍, ଇନ୍‌ଫର୍‌ମେଶନ ଏଜ୍ ଭଳି ଅନେକ ଗ୍ୟାଲେରି ରହିଛି। ୨୦୦୧ ଡିସେମ୍ବର ୧ ତାରିଖରୁ ଏହି ମ୍ୟୁଜିୟମକୁ ସର୍ବସାଧାରଣଙ୍କ ପାଇଁ ପ୍ରବେଶ ଶୁଳ୍କକୁ (ଏଣ୍ଟ୍ରି ଫି) ଫ୍ରି କରାଯାଇଛି।







# ଆ ଇ ନା



ସମନ୍ୱିତା ମିଶ୍ର
୫ ବର୍ଷ, ପଟିଆ



ଫିଓନା
୫ ବର୍ଷ, ଭୁବନେଶ୍ୱର